# SKOCH AWARD 2023 for Disaster Management System of Govt. of Odisha

## NEWS clips

# ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ସିଷ୍ଟମକୁ ସ୍କଚ ଆୱାର୍ଡ

■ ଭୁବନେଶ୍ୱର, ତା୧୩।୨(ପିଏନଏସ): ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ରାଷ୍ଟ୍ରୀୟ ସୂଚନା-ବିଜ୍ଞାନ କେନ୍ଦ୍ର (ଏନଆଇସି) ସହଯୋଗରେ ପରିଚାଳିତ ପ୍ରକଳ୍ପ ଡିଜାଷ୍ଟର ଆସିଷ୍ଟାନ୍ସ ମନିଟରିଙ୍ଗ ଆଣ୍ଡ ପେମେଂଟ ସିଷ୍ଟମକୁ ଦେଶର ଅନ୍ୟତମ ଶ୍ରେଷ୍ଠ ପୁରସ୍କାର ସ୍କଚ ଆୱାର୍ଡ ୨୦୨୩ରେ ପୁରସ୍କୃତ କରାଯାଇଛି। ପ୍ରତିଯୋଗିତାରେ ଭାଗ ନେଇଥିବା ଦେଶର ବିଭିନ୍ନ ଇ-ଗଭର୍ଣାନ୍ସ ପ୍ରକଳ୍ପ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ ମଧ୍ୟ ସେସବୁ ପଛରେ ପକାଇ ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପରିଚାଳିତ ଏହି ଡିଜାଷ୍ଟର ଆସିଷ୍ଟାନ୍ସ ମନିଟରିଙ୍ଗ ଆଣ୍ଡ ପେମେଂଟ ସିଷ୍ଟମ ପ୍ରକଳ୍ପକୁ ସର୍ବଭାରତୀୟ ସ୍ତରରେ ଅନ୍ୟତମ ଶ୍ରେଷ୍ଠ ପ୍ରୋଜେକ୍ଟ ରୂପେ ବଛାଯାଇ ସ୍କଚ ସିଲଭର ଆୱାର୍ଡ ୨୦୨୩ ରେ ପୁରସ୍କୃତ ହେବା ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ।



ଏହି ପ୍ରକଳ୍ପଟି ଓଡ଼ିଶା ରାଜ୍ୟର ୩୦ଟି ଜିଲ୍ଲା, ୩୧୭ ତହସିଲ ଏବଂ ୨୪୦୦ରୁ ଉର୍ଦ୍ଧ୍ୱ ରେଭେନ୍ୟୁ ସର୍କଲରେ ସଫଳତାର ସହିତ ପରିଚାଳିତ ହୋଇଅଛି। ଏହି ପ୍ରକଳ୍ପଟି ଉଦଘାଟନ ହେବା ପରଠୁ ଏପର୍ଯ୍ୟନ୍ତ ଅନଲାଇନ ସିଷ୍ଟମ୍ ମାଧ୍ୟମରେ ୧୫୦୦୦ଟି କେସ୍ ପଞ୍ଜୀକୃତ ହୋଇଛି।

ଗତ ୧୦ରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ପୁରସ୍କାର ବିତରଣ ସମାରୋହରେ ଓଡିଶା ସରକାରଙ୍କ ତରଫରୁ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଏହି ସମ୍ମାନଜନକ ପୁରସ୍କାରଟି ଗ୍ରହଣ କରିଥିଲେ। ଏଥିପାଇଁ ମୁଖ୍ୟଶାସନ ସଚିବ ପ୍ରଦୀପ କୁମାର ଜେନା ଏବଂ ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ ସମସ୍ତ ସମ୍ପୃକ୍ତ ଅଧିକାରୀ ଓ ବ୍ୟକ୍ତି ବିଶେଷଜ୍ଞମାନଙ୍କୁ ଶୁଭେଚ୍ଛା ଜଣାଇଲେ।

# ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ସିଷ୍ଟମକୁ 'ସ୍କଚ୍ ଆୱାର୍ଡ'

ଭୁବନେଶ୍ୱର, ୧୩।୨ ([illegible])



ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ରାଷ୍ଟ୍ରୀୟ ସୂଚନା-ବିଜ୍ଞାନ କେନ୍ଦ୍ର (ଏନ୍‌ଆଇସି) ସହଯୋଗରେ ପରିଚାଳିତ ପ୍ରକଳ୍ପ 'ଡିଜାଷ୍ଟର ଆସିଷ୍ଟାନ୍ସ ମନିଟରିଂ ଆଣ୍ଡ୍ ପେମେଣ୍ଟ ସିଷ୍ଟମ'କୁ 'ସ୍କଚ୍ ଆୱାର୍ଡ' ମିଳିଛି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ ଓଡ଼ିଶା ସରକାରଙ୍କ ପକ୍ଷରୁ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ପୁରସ୍କାର ଗ୍ରହଣ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟରେ ମୃତ ବ୍ୟକ୍ତି, ଛିଡ଼ିଯାଇଥିବା ବ୍ୟକ୍ତି ଓ ଆଘାତ ପାଇଥିବା ବ୍ୟକ୍ତିଙ୍କ ପରିବାର ସଦସ୍ୟଙ୍କୁ ଏହି ପ୍ରକଳ୍ପ ଦ୍ୱାରା ରାଜ୍ୟ ସରକାର ଅନ୍‌ଲାଇନ୍ ମାଧ୍ୟମରେ ଖୁବ୍ କମ୍ ସମୟରେ ସହାୟତା ରାଶି ପ୍ରଦାନ କରିବାରେ ସଫଳ ହୋଇଛନ୍ତି। ସହାୟତା ରାଶି ସିଧାସଳଖ ଭାବେ ପୀଡ଼ିତଙ୍କ ସମ୍ପୃକ୍ତ ବ୍ୟାଙ୍କ୍ ଆକାଉଣ୍ଟକୁ ଆଇଏଫ୍ଏମ୍ଏସ୍ ସହାୟତାରେ ସ୍ଥାନାନ୍ତର କରାଯାଉଛି। ରାଷ୍ଟ୍ରୀୟ ସୂଚନା-ବିଜ୍ଞାନ କେନ୍ଦ୍ରର ଆଧୁନିକ ବୈଷୟିକ ଜ୍ଞାନକୌଶଳରେ ନିର୍ମିତ ଏହି ପ୍ରକଳ୍ପ ବିଗତ ୨ବର୍ଷ ହେବ ସଫଳତାର ସହିତ ଉଭୟ ସରକାର ଏବଂ ନାଗରିକଙ୍କ ପାଇଁ ଅତ୍ୟନ୍ତ ଉପକାରୀ ସାବ୍ୟସ୍ତ ହୋଇଛି। ଏହା ରାଜ୍ୟର ୩୦ ଜିଲା, ୩୧୭ ତହସିଲ ଏବଂ ୨୪୫୦ରୁ ଊର୍ଦ୍ଧ୍ୱ ରେଭେନ୍ୟୁ ସର୍କଲରେ ସଫଳତା ସହ ପରିଚାଳିତ ହେଉଛି। ସେହିପରି ପ୍ରକଳ୍ପ ଆରମ୍ଭ ହେବାପରଠାରୁ ଏପର୍ଯ୍ୟନ୍ତ ଅନ୍‌ଲାଇନ୍ ମାଧ୍ୟମରେ ୧୫ହଜାରଟି କେସ୍ ପଞ୍ଜୀକୃତ ହୋଇଥିବାବେଳେ ପ୍ରାୟ ୧୨୪୬୩ କେସ୍‌ରେ ୧୪୮୫୮ରୁ ଊର୍ଦ୍ଧ୍ୱ ପୀଡ଼ିତଙ୍କ ଆତ୍ମୀୟସ୍ୱଜନଙ୍କୁ ୪୯୦ କୋଟିରୁ ଊର୍ଦ୍ଧ୍ୱ ଅନୁକମ୍ପା ସହାୟତା ରାଶି ପ୍ରଦାନ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବିପର୍ଯ୍ୟୟଜନିତ ସହାୟତା ପ୍ରଦାନରେ ଓଡ଼ିଶାକୁ 'ସ୍କଚ୍'

ଭୁବନେଶ୍ୱର, ୧୩।୨(ସମିସ): ବିପର୍ଯ୍ୟୟଜନିତ ସହାୟତା ତଦାରଖ ଓ କ୍ଷତିପୂରଣ ପ୍ରଦାନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓଡ଼ିଶାକୁ ମିଳିଛି ସମ୍ମାନଜନକ 'ସ୍କଚ୍' ପୁରସ୍କାର। ପୂର୍ବରୁ ବିପର୍ଯ୍ୟୟଜନିତ ଅନୁକମ୍ପାମୂଳକ ରାଶି ପ୍ରଦାନ କ୍ଷେତ୍ରରେ ବିଳମ୍ବ ହେଉଥିବା ବେଳେ ଏବେ ସରକାରଙ୍କ ପକ୍ଷରୁ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ବିପର୍ଯ୍ୟୟ ସହାୟତା ତଦାରଖ ଓ କ୍ଷତିପୂରଣ ପାଇଁ ଡିଏଏମ୍‌ପିଏସ୍ ପଦ୍ଧତି ୧୦ ଜୁନ ୨୦୨୦ ମସିହାଠାରୁ ଲାଗୁ କରାଯାଇଥିଲା। ଏହି ଡିଜିଟାଲ ପ୍ଲାଟ୍‌ଫର୍ମରେ ଅନ୍‌ଲାଇନ୍ ମାଧ୍ୟମରେ ଖୁବ୍ କମ୍ ସମୟରେ ଅନୁକମ୍ପାମୂଳକ ରାଶି ପ୍ରଦାନ ଶୀଘ୍ର ସମ୍ପନ୍ନ ହେଉଛି।



ଡିଏଏମ୍‌ପିଏସ୍‌ରେ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଯୋଗୁ ଏବେ ଏହା ସହଜ ଓ ସରଳ ହୋଇପାରିଛି। ଏହି ଡିଏଏମ୍‌ପିଏସ୍ ବ୍ୟବସ୍ଥା ଭୁବନେଶ୍ୱର ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ରର ବୈଷୟିକ ସହାୟତାରେ ପ୍ରସ୍ତୁତ କରାଯାଇଛି। ଇ-ଗଭର୍ଣ୍ଣାନ୍ସ ମଧ୍ୟରେ ଏଥିସହ ସମ୍ପୃକ୍ତ ବିଭାଗର କାର୍ଯ୍ୟଭାର ହ୍ରାସ ପାଉଛି ଓ ସମୟ ବଞ୍ଚୁଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ସତ୍ୟବ୍ରତ ସାହୁଙ୍କ ପକ୍ଷରୁ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ପଦ୍ମନାଭ ବେହେରା ଓ ଉପସଚିବ ବିଶ୍ୱନାଥ ସାହୁ ୨୦୨୩ ମସିହା ପାଇଁ ଏହି ମର୍ଯ୍ୟାଦାଜନକ 'ସ୍କଚ୍' ପୁରସ୍କାର ନୂଆଦିଲ୍ଲୀଠାରେ ଗ୍ରହଣ କରିଛନ୍ତି।

# Odisha's DAMPS bags SKOCH award

BHUBANESWAR: Odisha's Disaster Assistance Monitoring and Payment System (DAMPS) has bagged the prestigious SKOCH award.

Additional special relief commissioner Padmanav Behera and deputy secretary Biswanath Sahoo received the award on behalf of additional chief secretary and special relief commissioner Satyabrata Sahoo in New Delhi on February 10. Sahoo said the brainchild of DAMPS project was chief secretary Pradeep Kumar Jena. He also gave credit to all stakeholders for their efforts to ensure successful management of the project.

The state government launched DAMPS from June 10, 2020. It is a digital platform for online processing, monitoring and payment of ex-gratia to the kin of the disaster victims. ENS

# ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ପଦ୍ଧତିକୁ ସ୍କଚ୍ ପୁରସ୍କାର



ଭୁବନେଶ୍ୱର, ୧୩।୨(ନି.ପ୍ର.): ବିପର୍ଯ୍ୟୟଜନିତ ସହାୟତା ତଦାରଖ ଓ କ୍ଷତିପୂରଣ ପ୍ରଦାନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସ୍ୱତନ୍ତ୍ର ରିଲିଫ୍ ଆୟୁକ୍ତ ଗ୍ରହଣ କରିଛନ୍ତି ସମ୍ମାନଜନକ ସ୍କଚ ପୁରସ୍କାର। ପୂର୍ବରୁ ବିପର୍ଯ୍ୟୟଜନିତ ଅନୁକମ୍ପାମୂଳକ ରାଶି ପ୍ରଦାନ କ୍ଷେତ୍ରରେ ବିଳମ୍ବ ଘଟୁଥିବାବେଳେ ଏବେ ସରକାରଙ୍କ ପକ୍ଷରୁ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ବିପର୍ଯ୍ୟୟ ସହାୟତା ତଦାରଖ ଓ କ୍ଷତିପୂରଣ (ଡିଏଏମ୍‌ପିଏସ) ପଦ୍ଧତି ୧୦ ଜୁନ ୨୦୨୦ ମସିହାଠାରୁ ଲାଗୁ କରାଯାଇଥିଲା । ଏହି ଡିଜିଟାଲ ପ୍ଲାଟ୍‌ଫର୍ମରେ ଅନ୍‌ଲାଇନ୍ ମାଧ୍ୟମରେ ଖୁବ୍ କମ୍ ସମୟରେ ଅନୁକମ୍ପାମୂଳକ ରାଶି ପ୍ରଦାନ ଶୀଘ୍ର ସଂପନ୍ନ ହେଉଛି । ଏବେ ବିନା କାଗଜକଲମରେ ଏହି କାର୍ଯ୍ୟ ସମ୍ଭବ ହୋଇପାରୁଛି । ଏହି ଡିଏଏମ୍‌ପିଏସ୍ ବ୍ୟବସ୍ଥା ଭୁବନେଶ୍ୱର ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ରର ବୈଷୟିକ ସହାୟତାରେ ପ୍ରସ୍ତୁତ କରାଯାଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ ଆୟୁକ୍ତ ସତ୍ୟବ୍ରତ ସାହୁଙ୍କ ପକ୍ଷରୁ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ ଆୟୁକ୍ତ ପଦ୍ମନାଭ ବେହେରା ଓ ଉପସଚିବ ବିଶ୍ୱନାଥ ସାହୁ ୨୦୨୩ ମସିହା ପାଇଁ ଏହି ମର୍ଯ୍ୟାଦାଜନକ ପୁରସ୍କାର ନୂଆଦିଲ୍ଲୀଠାରେ ଗ୍ରହଣ କରିଛନ୍ତି। ଏହି ଅବସରରେ ଏସ୍‌ଆର୍‌ସି ଶ୍ରୀ ସାହୁ କହିଛନ୍ତି ଯେ ଏହି ଡିଏଏମ୍‌ପିଏସ୍ ଯୋଜନା ହେଉଛି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ବହୁ ଆକାଂକ୍ଷିତ ପ୍ରକଳ୍ପ ଓ ଏଥି ସହ ଜଡ଼ିତ ସମସ୍ତ ସହଯୋଗୀଙ୍କୁ ଏହି ଯୋଜନାର ସଫଳତାରେ ଭାଗୀଦାର ବୋଲି ଅଭିହିତ କରିଛନ୍ତି।